# ପିଲାଙ୍କ ପାଇଁ
# ଆଦିବାସୀ ଲୋକକଥା - ୨



ବିନୋଦିନୀ ପାତ୍ର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର-୭୫୧୦୦୯

ପିଲାଙ୍କ ପାଇଁ

# ଆଦିବାସୀ ଲୋକ କଥା - ୨

ବିନୋଦିନୀ ପାତ୍ର

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
*ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ*
*ଆଦିବାସୀ ପ୍ରଦର୍ଶନୀ ପଡ଼ିଆ*
ଭୁବନେଶ୍ୱର - ୭୫୧୦୦୯

# ପିଲାଙ୍କ ପାଇଁ ଆଦିବାସୀ ଲୋକ କଥା - ୨

ବିନୋଦିନୀ ପାତ୍ର

**ପ୍ରକାଶକ :**

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ,
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ,
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ
ୟୁନିଟ - ୧
ଭୁବନେଶ୍ୱର - ୭୫୧୦୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା :**
ପ୍ରିଣ୍ଟେକ୍ ଭିଜନ୍
ଶହିଦ୍ ନଗର, ଭୁବନେଶ୍ୱର
**ଦଶହରା : ୨୦୦୧**

ମୂଲ୍ୟ : ଟ. ୨୨.୦୦

**Pilanka Pain Adivasi Lokakatha - 2**
Binodini Patra
***Published by :***
Academy of Tribal Dialects & Culture
ST & SC Development Department
Adivasi Exhibition Ground
Unit - 1, Bhubaneswar - 751009

***Cover & Design :***
Printek Vision
Saheed Nagar, Bhubaneswar
***Dassera : 2001***

***Price : Rs. 22/-***

# ମୁଖବନ୍ଧ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ମୁଖ୍ୟ ଆଭିମୁଖ୍ୟ ହେଉଛି ଆମ ରାଜ୍ୟ ଆଦିବାସୀ ଭାଇ ଭଉଣୀ ମାନଙ୍କର ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ଓ ପରିପ୍ରସାର । ଆଦିବାସୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ଏକ ମୁଖ୍ୟ ଅଙ୍ଗ ହେଉଛି ଆଦିବାସୀ ଲୋକ ସାହିତ୍ୟ । ବିଗତ ଏକ ଦଶନ୍ଧି ମଧ୍ୟରେ ଏକାଡେମୀ ତାର ସୀମିତ ସମ୍ବଳ ଭିତରେ ଆଦିବାସୀ ଲୋକ ସାହିତ୍ୟର ସଂରକ୍ଷଣ ଦିଗରେ କିଛି କାର୍ଯ୍ୟ କରିଥିଲେ ମଧ୍ୟ ସେ ସବୁର ପରିପ୍ରସାର ଠିକ୍ ଭାବରେ ହୋଇ ପାରିନି । ଆମ ରାଜ୍ୟର ଅସୁମାରି ଆଦିବାସୀ ଗପ, ଗୀତ, କିମ୍ବଦନ୍ତୀ, ପହଳି, ପ୍ରବଚନ ଏବେ ମଧ୍ୟ ଆମ୍ଭମାନଙ୍କ ଲୋକ ଲୋଚନକୁ ଆସି ପାରିନି । ବିଶେଷ ଭାବରେ ଆମ ରାଜ୍ୟ ଛାତ୍ରଛାତ୍ରୀମାନେ ବିଦେଶର ଲୋକକଥା ସବୁ ଜାଣିଛନ୍ତି ମାତ୍ର ଆମ ରାଜ୍ୟରେ ଥିବା ମହାନ ଆଦିବାସୀ ଲୋକକଥା ସମ୍ବନ୍ଧରେ ସେମାନେ ପୁରାପୁରି ଅଜ୍ଞ । ଏପରିକି ଆମ ଆଦିବାସୀ ଛାତ୍ରଛାତ୍ରୀମାନେ ମଧ୍ୟ ସେମାନଙ୍କ ନିଜ ଲୋକକଥା ସମ୍ବନ୍ଧରେ ଖୁବ୍ କମ୍ ଜାଣିଛନ୍ତି । ଏହାର କାରଣ, ପିଲାମାନଙ୍କ ପାଇଁ ବିଦେଶୀ ଲୋକକଥା ମାନଙ୍କର ସଂକଳନ ଥିଲା ବେଳେ ସେମାନଙ୍କ ପାଇଁ ଆଦିବାସୀ ଲୋକକଥାର ସଂକଳନ ଆଦୌ ନାହିଁ କହିଲେ ଚଳେ । ଏହି ସବୁକୁ ଆଖିରେ ରଖି ଆମେ ପ୍ରକାଶ କରୁଛୁ ''ପିଲାଙ୍କ ପାଇଁ ଆଦିବାସୀ ଲୋକକଥା'' ସିରିଜ୍ । ଏହି ପୁସ୍ତକଟି ଆମର ଏ ସିରିଜ୍‌ର ଦ୍ୱିତୀୟ ଖଣ୍ଡ ।

ଆମ ରାଜ୍ୟର ଆଦିବାସୀ ଓ ଅଣଆଦିବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ପାଠୋପଯୋଗୀ ହେବାଭଳି ଲୋକକଥା ଗୁଡ଼ିକ ଚୟନ କରାଯାଇଛି । ସଂକଳନସ୍ଥ ଲୋକକଥା ଗୁଡ଼ିକ ଆଦିବାସୀ ଲୋକକଥା ଉପରେ ଆଧାରିତ ମାତ୍ର ସେ ଗୁଡ଼ିକର ଆକ୍ଷରିକ ଅନୁବାଦ ନୁହେଁ ।

ଏହି ଲୋକକଥା ସଂକଳନଟିର ପ୍ରକାଶନ ମୂଳରେ ଯେଉଁ ମାନଙ୍କର ପ୍ରୋତ୍ସାହନ ରହିଛି, ସେମାନେ ହେଲେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ମଙ୍ଗଳା କିଷାନ, ବିଭାଗୀୟ କମିଶନର ତଥା ସଚିବ ଶ୍ରୀଯୁକ୍ତ ଅରୁଣ କୁମାର ସାମନ୍ତରାୟ ଏବଂ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଚନ୍ଦ୍ରଶେଖର କୁମାର । ପ୍ରକାଶନ ଅବସରରେ ଏକାଡେମୀ ତରଫରୁ ସେମାନଙ୍କୁ ଆମର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛୁ ।

ସୁଲେଖିକା ଅଧ୍ୟାପିକା ବିନୋଦିନୀ ପାତ୍ର ତାଙ୍କର ବହୁମୂଲ୍ୟ ସମୟ ଦେଇ ପୁସ୍ତକଟି ଆମ ପାଇଁ ପ୍ରସ୍ତୁତ କରିଥିବା ହେତୁ ତାଙ୍କ ନିକଟରେ ଆମେ ଋଣୀ ।

ମନ୍ମଥ କୁଣ୍ଡୁ
ନିର୍ଦ୍ଦେଶକ,
*ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର*

# ସୂଚୀପତ୍ର


| ନଂ | ବିଷୟ | ପୃଷ୍ଠା |
|---|---|---|
| ୧- | ବୁଦ୍ଧିର ବଳ | ୧ - ୬ |
| ୨- | ଶିକାରୀ ଓ କୁକୁର କଥା | ୭ - ୧୧ |
| ୩- | ଚତୁର ଶିଆଳ କଥା | ୧୨ - ୧୮ |
| ୪- | ବୀର ଗୁମୁଣ୍ଡା | ୧୯ - ୨୬ |
| ୫- | ଚୋର ଓ ବାଘ କଥା | ୨୭ - ୩୨ |

# ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପ୍ରକାଶିତ
# ପିଲାଙ୍କ ମନଲାଖି କେତେକ ଉପାଦେୟ ପୁସ୍ତକ

**ବିଶିଷ୍ଟ ଆଦିବାସୀ ବ୍ୟକ୍ତିଙ୍କ ଜୀବନୀ :**

ଗୁରୁ ମଙ୍ଗେଇ ଗମାଙ୍ଗ
ନିର୍ମଳ ମୁଣ୍ଡା ଜାଙ୍ଗ (ସାଦ୍ରୀ ଭାଷାରେ ରଚିତ)
ବିପ୍ଳବୀ ନିର୍ମଳ ମୁଣ୍ଡା
ବିପ୍ଳବୀ ଧରଣୀଧର
ବିପ୍ଳବୀ ମାଦ୍ରୀ କାଲୋ
ଶହୀଦ ଲକ୍ଷ୍ମଣ ନାୟକ
ପଣ୍ଡିତ ରଘୁନାଥ ମୁର୍ମୁ
ସନ୍ଥ କବି ଭୀମଭୋଇ

**କାହାଣୀ :**

ଆଦିବାସୀ ଲୋକ କାହାଣୀ
ସାନ୍ତାଳ ଲୋକ କାହାଣୀ
ପଶ୍ଚିମ ଓଡ଼ିଶାର ଆଦିବାସୀ ଲୋକ ସାହିତ୍ୟ
ପିଲାଙ୍କ ପାଇଁ ଆଦିବାସୀ ଲୋକକଥା (୧)

**କବିତା :**

**''ଓସ୍‌ମାର''** (ଆଦିବାସୀ ପିଲାଙ୍କ ରଚିତ କବିତାର ଏକ ମନୋଜ୍ଞ ସଂସ୍କରଣ)

**ପତ୍ରିକା :**

**ସର୍ଗିଫୁଲ :** (କଲ୍ୟାଣ ବିଭାଗୀୟ ଉଚ୍ଚ ବିଦ୍ୟାଳୟର ପିଲାଙ୍କ ଦ୍ୱାରା ରଚିତ ସୃଜନାତ୍ମକ ରଚନାର ପତ୍ରିକା)

**କୁଇ ଭକ୍ତି ସଂଗୀତ**

**ପିଲାଙ୍କ ଆମ୍ବେଦକର**

ଏତଦ୍ ବ୍ୟତୀତ ପ୍ରକାଶ ପ୍ରତୀକ୍ଷାରେ :

୧ - **ଆଦିବାସୀ ପହେଳି**

୨ - **ଆଦିବାସୀ ଚିତ୍ର ଜନ ଶିକ୍ଷା**


*ପିଲାମାନେ ......*

ତୁମେମାନେ କେତେ କଣ ଦେଶ ବିଦେଶ ଲୋକ କଥା ପଢ଼ିଛ । ହେଲେ କେବେ ଆମ ରାଜ୍ୟର ଆଦିବାସୀ ଭାଇ ଭଉଣୀମାନଙ୍କ ଲୋକକଥା ପଢ଼ିଛକି ? ଆମ ଆଦିବାସୀଙ୍କ ଲୋକକଥା ସବୁ ଦେଶ ବିଦେଶର ଲୋକ କଥା ଠାରୁ କୌଣସି ଗୁଣରେ କମ୍ ନୁହେଁ । ଆଦିବାସୀ କାହାଣୀ ଛେଲିଙ୍ଗା ପିଲା କଥା ପଢ଼ିଲେ ବୁଝିପାରିବ ଏହି କାହାଣୀଟିର କେତେ ସାମଞ୍ଜସ୍ୟ ରହିଛି 'ସାତ ଚକୁଳି ଚଉଦ ଚେଁ' ବା ମୂଳ ସଂସ୍କୃତ ଗପ ''ହରିଶର୍ମା'' ସହିତ ! ସେମିତି 'ବାଘ ଓ ବିଲୁଆ' ଗପଟି ପଢ଼ିଲେ ଜାଣିବ ଆମେରିକାର 'ଠେକୁଆ ଭାଇ' ଗପ ଠାରୁ ଏହା କିଛି କମ୍ ନୁହେଁ । ଏହିପରି ଅନେକ ଆଦିବାସୀ ଗପ ରହିଛି, ଯାହା ତୁମମାନଙ୍କ ପାଇଁ ଆମେ ପ୍ରସ୍ତୁତ କରୁଛୁଁ ''ପିଲାଙ୍କ ପାଇଁ ଆଦିବାସୀ ଲୋକକଥା'' ସିରିଜ୍‌ର ।

ଏକ

# ବୁଦ୍ଧିର ବଳ

ଗୋଟିଏ ଗାଁରେ ରାମଚାନ୍ଦ୍ ମୁଣ୍ଡା ନାମରେ ଜଣେ ଲୋକ ଥିଲା । ଧନ ସମ୍ପତ୍ତି ବୋଇଲେ ତାର କେବଳ କିଛି ଗୋରୁଗାଈ ଓ ଛେଳି । ତାର ସବୁଦିନର କାମ ହେଲା ଗୋରୁଗାଈ ଏବଂ ଛେଳି ମାନଙ୍କୁ ବଣକୁ ଚରାଇବାକୁ ନେବା । ବଡ଼ି ଭୋର୍‌ରୁ ସେ ବାହାରି ଯାଏ ତା କାମରେ । ସାଥୀରେ ନିଏ ପଖାଳ ଓ ତରକାରୀ । ଦିନ ଯାକ ଗୋରୁଗାଈ ଓ



ଛେଳି ମାନଙ୍କୁ ବଣରେ ଚରାଏ । ସଂଜ ବେଳକୁ ଘରକୁ ଫେରେ । କେବେ କେବେ ଛେଳି କି ଗାଈଟେ ହଜିଗଲେ ଖୋଜୁ ଖୋଜୁ ଡେରି ହୁଏ । ଘରେ ପହଞ୍ଚୁ ପହଞ୍ଚୁ ରାତି ହୋଇ ଯାଏ । ଥରେ ଥରେ ବଣରେ ବାଘ ମାତନ୍ତି । ଅନେକ ବାର ବାଘ ତାର ଗାଈ ଓ ଛେଳିକୁ ଖାଇ ଯିବାର ଉଦାହରଣ ଅଛି । ରାମଚାନ୍ଦ୍ ବେଶ ଗରୀବ ହୋଇଥିବା ହେତୁ ଗୋଟାଏ ଗାଈ ବା ଛେଳି ବାଘ ଖାଇଗଲେ ସେ ମନ ଦୁଃଖ କରି କାନ୍ଦେ । ବର୍ଷ ବର୍ଷ ଧରି ମେହେନତ୍ କରି ପାଳିଥିବା ଗାଈ ବା ଛେଳିକୁ ବାଘ ଗୋଟିଏ ଦିନରେ ଖାଇଦିଏ । ମନେ ମନେ ବାଘ ଉପରେ ରାମଚାନ୍ଦ୍ ରାଗେ । ବାଘକୁ କେମିତି ମାରିବ ଯୋଜନା କରେ । ହେଲେ କଣ ହେବ ! ବାଘଟ ତା ଠାରୁ କେତେ ବଳୁଆ । ସେ କଣ ବାଘ ସହ ଯୋଝି ପାରିବ ? ତେଣୁ ସେ ମନ କଥା ମନରେ ମାରି ରୁହେ । ବେଳେ ବେଳେ ସେ ସ୍ୱପ୍ନ ଦେଖେ ଯେ ବାଘ ସହ ଯୋଝୁଚି । ବାଘକୁ ଯୁଦ୍ଧରେ ତଳେ ଚିତ୍ କରି ପକାଇ ଦେଇଛି । ବାଘ ମଲା ପ୍ରାୟ । ମାତ୍ର ହଠାତ୍ ନିଦ ଭାଙ୍ଗି ଯାଏ । ସେ ଜାଣିପାରେ ସେ ସବୁ କେବଳ ସ୍ୱପ୍ନରେ । ସତକୁ ସତ ବାଘ ଯେମିତି ବଳବାନ ଥିଲା ସେମିତ ଅଛି । 'ବାଘକୁ ତ ବଳରେ ପାରିହେବନି ବୁଦ୍ଧିରେ ହରାଇଲେ କେମିତି ହୁଅନ୍ତା ?' ରାମଚନ୍ଦ ମନେ ମନେ ଭାବେ ।

ଦିନକର କଥା । ସବୁଦିନ ପରି ରାମଚାନ୍ଦ ବଣକୁ ନେଇଯାଇଥାଏ ତା ଛେଳି ଓ ଗାଈଗୋରୁ । ସେ ଦିନ, ଦିନଯାକ ଟାଣୁଆ ଖରା । ବଣ ଭିତର ବୋଲି ଚଳି ଯାଉଥାଏ । ଛେଳି ସବୁ ଡାଳପତ୍ର ଖାଇବା ପାଇଁ ପାହାଡ଼ ଉପରକୁ ଚଢ଼ି ଯାଉଥାନ୍ତି । ରାମଚାନ୍ଦ ସେମାନଙ୍କୁ ଆକଟ କରୁଥାଏ । ତା ଗାଈ ଗୋରୁ ମାନଙ୍କ ମଧ୍ୟରୁ ଗୁରୁବାରୀ ଓ ଚନ୍ଦା ବେଶ୍

ଉଲିଆ । ରାମଚନ୍ଦର କଥା ନମାନି ପାହାଡ଼ ଭିତରକୁ ପଳେଇ ଯାଆନ୍ତି । ଅବଶ୍ୟ ଘରକୁ ଯିବା ବେଳେ ରାମଚାନ୍ଦ ଡାକଦେଲେ ସମସ୍ତେ ପଳେଇ ଆସନ୍ତି । ସେ ଦିନ ମୁଣ୍ଡ ଫଟା ଟାଣୁଆ ଖରାରେ ଛେଳି ଓ ଗାଈଗୋରୁ ମାନେ କୁଆଡ଼େ କେତେ ଦୂରକୁ ଚାଲି ଯାଇଥିଲେ । ରାମଚନ୍ଦ ଗୋଟିଏ ଗଛ ଉପରେ ଚଢ଼ି ବଇଁଶି ବଜାଉଥାଏ । ହଠାତ୍ ଦେଖିଲା ପାହାଡ଼ ଆରପଟୁ କଳାବାଦଲ ମାଡ଼ି ଆସୁଛି । ତା ସହିତ ଅଣ୍ଡାଳିଆ ପବନ । ଦୂରରେ ବିଜୁଳି ଝଟକିବା ବି ଆରମ୍ଭ ହୋଇ ଗଲାଣି । ରାମଚନ୍ଦ ବିକଳରେ ଡାକ ଛାଡ଼ିଲା ଗାଈ ଗୋରୁ ଓ ଛେଳି ମାନଙ୍କୁ । ତା ଡାକ ସେମାନଙ୍କ ଠାରେ ପହଞ୍ଚୁ ନ ପହଞ୍ଚୁ ଆସିଗଲା ମେଘ ସହ ବତାଶ ଓ ଝଡ଼ । ଗାଈ ଗୋରୁ ଓ ଛେଳି ମାନେ ରଡ଼ି ଛାଡ଼ି ଏଣେ ତେଣେ ପାଗଳ ପରି ଦଉଡ଼ିବାକୁ ଲାଗିଲେ । ପବନ, ବର୍ଷା ଓ ଘଡ଼ ଘଡ଼ି ଶବ୍ଦରେ ରାମଚାନ୍ଦର ଡାକ ସେମାନଙ୍କ ଠାରେ ପହଞ୍ଚିଲା ନାହିଁ । ବର୍ଷା ପବନ ସହ ପଡ଼ିଲା ଆଖିବୁଜା କୁଆ ପଥର । ମୁଣ୍ଡ ଉପରେ ଛତାଟିକୁ ଆଣ୍ଠ କରି ଧରି ଗଛମୂଳରେ ବସିରହିଲା ରାମଚାନ୍ଦ । ଘଣ୍ଟାଏ କି ଦୁଇଘଣ୍ଟା ପରେ କମିଲା ବର୍ଷା । ସେତେବେଳେକୁ ସଂଧ୍ୟା ଆସିଯାଇ ଥାଏ । ରାମଚାନ୍ଦ ବିକଳରେ ଖୋଜି ବୁଲିଲା ତା ଗାଈ ଗୋରୁ ଓ ଛେଳି ମାନଙ୍କୁ । ଡାକ ଛାଡ଼ିଲା । ହେଲେ ଜଣଙ୍କୁ ହେଲେ ବି ସେ ପାଇଲା ନାହିଁ । ଏତେ ବେଳେ ଅନ୍ଧାରରେ ଗାଁକୁ ଫେରିଯିବାବି ସମ୍ଭବ ବା ନିରାପଦ ନୁହେଁ । ତେବେ କଣ କରିବ ସିଏ ? କେମିତି ହେଲେ ରାତିଟି ତାକୁ ବିତାଇବାକୁ ପଡ଼ିବ ବଣରେ । ସକାଳେ ଗାଈ ଗୋରୁ ଓ ଛେଳି ମାନଙ୍କୁ ଖୋଜି ସାରି ଗାଁକୁ ଯିବ । ଏହା ସ୍ଥିର କରି ରାମଚାନ୍ଦ ଗୋଟିଏ ଗଛମୂଳରେ ଛତାଟିକୁ ମୁଣ୍ଡ ଉପରେ ଦେଇ ବସି ରହିଲା । ସେତେବେଳକୁ ଭୋକ ତାକୁ ଲାଗିଲାଣି କାହିଁରେ କଣ । ଘରୁ ଆଣିଥିବା ପଖାଳ ଓ ତରକାରୀ ଖାଇବାକୁ ସେ

ସମୟ ପାଇନି । ଘରୁ ଆସିଲା ବେଳେ ତା ସ୍ତ୍ରୀ ତାକୁ ପଖାଳ ଓ ତରକାରୀ ଦେଲା ବେଳେ ରାମଚନ୍ଦ ‘ଆଜି କଣ ତରକାରୀ ଦେଇଛୁ’ ବୋଲି ପଚାରିଥିଲା । ତା ସ୍ତ୍ରୀ ହସିହସି କହିଥିଲା ‘ଦଶରଥ’ । ରାମଚାନ୍ଦ ବୁଝି ଯାଇଥିଲା । ତା ସ୍ତ୍ରୀ କଙ୍କଡାଙ୍କୁ ‘ଦଶରଥ’ ବୋଲି କୁହେ କାରଣ କଙ୍କଡାର ଦଶଟି ଗୋଡ଼ ।

ରାମଚନ୍ଦ ଗାମୁଛାରେ ବନ୍ଧା ହୋଇଥିବା ବେଲା ଖୋଲି ବାହାର କଲା ପଖାଳ । ପତ୍ର ପୁଡ଼ିଆରେ ସେ ସବୁ ବରଫ ଭଳି ଥଣ୍ଡା ହୋଇଯାଇ ଥାଏ । ରାମଚାନ୍ଦ ସେ ସବୁ ଖାଇ ସାରି ପୁଣି ଗଛ ମୂଳରେ ମୁଣ୍ଡ ଉପରେ ଛତାଟି ରଖି ବସିଲା । ଯେମିତି ହେଉ ରାତିଟି କଟାଇବ । ମନରେ ତାର ଅମାପ ଭୟ । କରିବ ବା କ’ଣ । ଏତିକି ବେଳକୁ ତାର ମନେ ପଡ଼ିଗଲା ବାଘ କଥା । ଦେଖୁ ଦେଖୁ ବାଘ ଆସି ଅଳ୍ପଦୂରରେ ହାଜର୍ । ବିଜୁଳି ଆଲୁଅରେ ବେଶ ପାଖରୁ ଦେଖିହେଲା ବାଘର ରୂପ । ବାଘ ମଧ୍ୟ ଦେଖିଲା ଛତାକୁ ଏବଂ ଛତା ତଳୁ ଦେଖା ଯାଉଥିବା ରାମଚନ୍ଦର ଗୋଡ଼ ଦୁଇଟି । ବାଘ ପଚାରିଲା – ‘‘ତୁ କିଏ ?’’ ରାମଚାନ୍ଦର ପିଳେହି ପାଣି । ହେଲେ ବୁଦ୍ଧିତାର ପାଣି ହୋଇ ନଥାଏ । ସେ ବୁଦ୍ଧିକରି ଉତ୍ତର ଦେଲା ‘‘ମୁଁ ତିନି ଗୋଡ଼ିଆ’’ । ‘‘ତିନି ଗୋଡ଼ିଆ !’’ ଆଶ୍ଚର୍ଯ୍ୟ ହୋଇ ଦୋହରାଇଲା ବାଘ । ବାଘ ନିରିଖେଇ ଚାହିଁ ଦେଖିଲା ସତକୁ ସତ ତିନୋଟି ଗୋଡ଼ । ହେଲେ ମୁଣ୍ଡଟି କେମିତି ଗୋଟିଏ ବେଶ୍ ବଡ଼ ଆକାରର । ଏ କି ଅଜବ ଜୀବ । ଜୀବନରେ ସେତ ଦେଖିନି କେବେ । ନୂଆ ପ୍ରକାରର ଜୀବଟେ ତାହେଲେ ଆସିଛି ବଣକୁ । ଭାବିଲା ବାଘ । ଛତାଟିକୁ ଭାବିଲା ମୁଣ୍ଡ ବୋଲି । ମନେ ମନେ ଭୟ ପାଇଲା ବାଘ । ତଥାପି ଭାବିଲା ଡର କରିବାର କିଛି ନାହିଁ । ସେ ଅଜବ ଜୀବର ତିନୋଟି ଗୋଡ଼ ହେଲେ ତା ନିଜରତ ପୁଣି ଚାରୋଟି ଗୋଡ଼ ଅଛି । ଏହା ଭାବି ବାଘ ମନେ ମନେ ଡରି ବାହାରକୁ ସାହାସ



ଦେଖାଇ କହିଲା ''ତୁ ସିନା ତିନି ଗୋଡ଼ିଆ । ମୋର ତ ଚାରୋଟି ଗୋଡ଼ । ତେଣୁ ତୋ ଠୁଁ ମୁଁ ନିଶ୍ଚିତ ଭାବେ ବେଶୀ ବଳୁଆ ।'' ରାମଚାନ୍ଦ ଛତା ତଳୁ ଉତ୍ତର ଦେଲା ''ବଳ କଣ ସବୁ ଗୋଡ଼ରେ ଥାଏ ? ତାହେଲେ ତ ତେଲୁଣି ପୋକ ସବୁ ଠାରୁ ବଳବାନ ହୋଇଥାନ୍ତା ।''

''ବଳ ତାହେଲେ କେଉଁଠି ଅଛି ?'' ପଚାରିଲା ବାଘ ।

''ବଳ ଥାଏ ବୁଦ୍ଧିରେ । ଆଉ ବୁଦ୍ଧିଥାଏ ମୁଣ୍ଡରେ । ଦେଖୁନୁ ମୋର କେତେ ବଡ଼ ମୁଣ୍ଡ ।''

ସତତ କେତେ ବଡ଼ ମୁଣ୍ଡଟା, ବାଘ ପୁଣି ନିରେଖେଇ ଅନେଇଲା ଛତା ଉପରକୁ । ସତରେ ଅଜବ ଜୀବ । ମୁଣ୍ଡଟି ଝଙ୍କାଳିଆ ଗଛ ପରି । ବୁଦ୍ଧି ପ୍ରଚୁର ଥିବ ତା ଭିତରେ । ଆଉ ସେଇ ଅନୁସାରେ ଥିବ ବଳ ।

ବାଘ ସେଠାରୁ ପଳେଇ ଯିବା ପାଇଁ ଚିନ୍ତା କଲା । ଯିବା ପୂର୍ବରୁ ପଚାରିଲା ''ଆଚ୍ଛା ତୁମେ ଏଠାରେ କଣ କରୁଛ ?''

''ମୁଁ ମୋ ମାଲିକକୁ ଅପେକ୍ଷା କରିଛି । ଉତ୍ତର ଦେଲା ରାମଚାନ୍ଦ ଇଆର ତ ଏତେ ବଡ଼ ମୁଣ୍ଡ । ଏତେ ବୁଦ୍ଧି । ଏତେ ବଳ । ଇଆର ପୁଣି ମାଲିକ ଅଛି । କେତେ ବଳ ନଥିବ ତାର ? ଏହା ଭାବି ବାଘ ପଚାରିଲା, ''ଆଚ୍ଛା ତୁମ ମାଲିକ କିଏ ? ସେ କୁଆଡ଼େ ଯାଇଛନ୍ତି ?''

''ମୋ ମାଲିକ ଦୁଇ ଗୋଡ଼ିଆ । ସେ ଦଶ ଗୋଡ଼ିଆକୁ ଖାଇ ଏବେ ଖୋଜୁଛନ୍ତି ଚାରି ଗୋଡ଼ିଆ ମାନଙ୍କୁ ।'' ଉତ୍ତର ଦେଲା ଛତାତଳୁ ରାମଚାନ୍ଦ ।

ବାଘ ଭାବିଲା ସେ ଦୁଇ ଗୋଡ଼ିଆ ନିଶ୍ଚୟ ତାକୁ ହିଁ ଖୋଜୁଛି ଖାଇବା ପାଇଁ । ତେଣୁ ଭୟରେ ବିଜୁଳି ବେଗରେ ସେଠାରୁ ଧାଇଁ ପଳାଇଲା ।

ରାମଚାନ୍ଦ ଦୀର୍ଘ ନିଶ୍ୱାସ ପକାଇଲା । ତା ବୁଦ୍ଧି ଆଜି ତାକୁ ରକ୍ଷା କରିଛି ସେ ମହାବଳ ବାଘଠାରୁ । ସକାଳ ହେବାରୁ ତା ଗାଈ ଗୋରୁ ଓ ଛେଳି ମାନେ ମିଳିଗଲେ । ସେ ସିଧା ଚାଲିଲା ଘରକୁ । ସେହିଦିନ ଠାରୁ ସେ କେବେ ହେଲେ ଦେଖିନାହିଁ ସେ ବାଘକୁ ସେ ବଣରେ । କିମ୍ୱା କେବେ ହେଲେ ତା ଗାଈ ବା ଛେଳିକୁ ଖାଇ ନାହାଁନ୍ତି କେହି ବାଘ ।

## ଦୁଇ

# ଶିକାରୀ ଓ କୁକୁର କଥା

ଅନେକ ଦିନ ତଳର କଥା । ଗୋଟିଏ ବଣ ପାଖ ଗାଁରେ ଶିକାରୀଟିଏ ଥାଏ । ସେ ସବୁଦିନ ଧନୁସର ଧରି ବଣକୁ ଶିକାର କରିବାକୁ ଯାଏ । ସାଥୀରେ ଯାଏ ତାର କୁକୁର । ଶିକାରୀଟି ଯେମିତି



ଶିକାରୀ ତା କୁକୁର ତାଠୁଁ ବେଶୀ ଶିକାରୀ । ଦୁହେଁ ମିଶି ଜୀବଜନ୍ତୁ ଶିକାର କରନ୍ତି । ସଂଜ ବେଳକୁ ଶିକାର ଧରି ଘରକୁ ଫେରନ୍ତି । ଶିକାରୀର ସ୍ତ୍ରୀ ମାଉଁସ ତରକାରୀ କରେ । କୁକୁରକୁ ତା ଭାଗ ଦିଆଯାଏ । ଶିକାରୀ ଏବଂ ତା କୁକୁର ପାଖାପାଖି ବସି ଖାଆଁନ୍ତି । ଠିକ୍ ଯେମିତି ସେମାନେ ଦୁଇ ସାଙ୍ଗ ।

ଦିନକର କଥା । ଶିକାରୀ ଓ କୁକୁର ଯାଇଥାନ୍ତି ବଣକୁ ଶିକାର ପାଇଁ । ଦିନ ଯାକ ବଣରେ ବୁଲି ବୁଲି ହାଲିଆ ହେଲେ । ମାତ୍ର ଗୋଟିଏ ମଧ ଜୀବ ଜନ୍ତୁ ମିଳଲା ନାହିଁ । ଶିକାରୀ ଜଣକ ଆଗରୁ ପାଣି ପାଖ ଗଛରେ ମଞ୍ଚା ତିଆରି କରିଥାଏ । ଜୀବଜନ୍ତୁ ପାଣି ପିଇବାକୁ ଆସିଲେ ସେ ମଞ୍ଚା ଉପରୁ ତୀର ମାରେ । କୁକୁର ବୁଦା ମୂଳରେ ଲୁଚି କରି ବସିଥାଏ । ଜୀବଜନ୍ତୁ ଦେହରେ ତୀର ବାଜିଲେ ସେମାନଙ୍କୁ ଯାଇ ଧରେ । ସେ ଦିନ କିଛି ଗୋଟିଏ ବି ଜୀବଜନ୍ତୁ ପାଣି ପିଇବାକୁ ଆସିଲେ ନାହିଁ । ଶିକାରୀ ଏବଂ ତା କୁକୁର କୁ ସେ ଦିନ ଖାଲି ହାତରେ ଫେରିବାକୁ ହେଲା । କଥାରେ ଅଛି ବିପଦ ଏକା ଆସେ ନାହିଁ । ସାଙ୍ଗ ସାଥୀ ସହ ଆସେ । ସେ ଦିନ ଖାଲିହାତରେ ମନଦୁଃଖରେ ଫେରୁ ଫେରୁ ଗୋଟାଏ ବଡ଼ ଅଜଗର ସାପ ହାବୁଡ଼ରେ ପଡ଼ିଲେ । ଅଜଗର ସାପ ଶିକାରୀ କୁ ଗିଳିବାକୁ ଆରମ୍ଭ କଲା । ପଳାଇ ଯିବାର ଉପାୟ ନାହିଁ । ବିକଳରେ ଶିକାରୀ ତା କୁକୁରକୁ ଘରକୁ ଧାଇଁ ଯାଇ ଦା ଖଣ୍ଡିଏ ଆଣିବାକୁ କହିଲା ।

କୁକୁର ଆଖି ବୁଜା ଧାଇଁଲା ଘରକୁ । ଘରେ ଶିକାରୀ ସ୍ତ୍ରୀର ଲୁଗାକାନି ନିଜ ଦାନ୍ତରେ କାମୁଡ଼ି ଟାଣିଟାଣି ନେଲା ଦା ପାଖକୁ । ଦା



ନେଇ ଧାଇଁଲା ଶିକାରୀ ପାଖକୁ । ସେତେବେଳେକୁ ଅଜଗର ଶିକାରୀକୁ ଗିଳିବା ପାଇଁ ଅଳ୍ପ ବାକୀ ଥାଏ । କୁକୁର ବଢ଼ାଇ ଦେଲା ଦା ଟି ଶିକାରୀ ହାତକୁ । ଶିକାରୀ ବହୁ କଷ୍ଟରେ ଦା ଟିକୁ ଧରି ସାପର ପାଟି ଠାରୁ ଚିରିବାକୁ ଆରମ୍ଭ କଲା । ଅଳ୍ପ ସମୟରେ ଶିକାରୀ ସାପଟିକୁ ପୂରାପୂରି ଚିରି ବାହାରି ଆସିଲା । କୁକୁର ଶିକାରୀର ଦେହ ଚାଟି ଚାଟି ସବୁ ବିଷ ସଫା କରିଦେଲା । ତାପରେ ଶିକାରୀ ଓ କୁକୁର ସାଙ୍ଗ ହୋଇ ଘରକୁ ଫେରିଲେ । ଶିକାରୀ ର ସ୍ତ୍ରୀ ଏସବୁ କଥା ଜାଣି ନଥାଏ । ଶିକାରୀ



ଠାରୁ ସବୁ କଥା ଶୁଣି କୁକୁରଟିକୁ ବହୁତ୍ ପ୍ରଶଂସା କଲା । କୁକୁରଟି ଯୋଗୁଁ ହି ତା ସ୍ୱାମୀ ଜୀବନ ଫେରି ପାଇଲା ।

ସେ ଦିନ ସଂଧ୍ୟା ବେଳେ ଶିକାରୀ ଗୋଟିଏ ଛେଳି ମାରିବାକୁ କହିଲା । ରାତିରେ ଭୋଜି ହେଲା । ତା ସାଙ୍ଗ ସାଥୀ ମାନଙ୍କୁ ନିମନ୍ତ୍ରଣ କଲା । ଖାଇଲା ବେଳକୁ ଶିକାରୀ କୁକୁର ସହ ଗୋଟିଏ ପତ୍ରରେ ଭାତ ଖାଇଲା । ଏହା ଦେଖି ତା ସାଙ୍ଗମାନେ ଆଶ୍ଚର୍ଯ୍ୟ ହେଲେ । ସେହି

ଦିନଠାରୁ ଶିକାରୀ କୁକୁରଟିକୁ ତା ପୁଅ ବୋଲି ଭାବି ତା ବିଛଣାରେ ଶୁଆଏ ଏବଂ ସାଥୀରେ ଖୁଆଏ । ମାତ୍ର ସାପ ଗିଳିଥିବା ହେତୁ ବର୍ଷକୁ ଦୁଇଥର ଶିକାରୀର ଦେହରୁ କାତି ଛାଡ଼େ । କାତି ଛାଡ଼ିବା ଦିନ ତା ଦେହ ବହୁତ୍ ନରମ ହୋଇଯାଏ । ଦୁଇ ଦିନ ପରେ ଠିକ୍ ହୋଇଯାଏ, ଠିକ୍ ଗୋଟିଏ ସାପ ପରି । ଶିକାରୀ ଏବଂ କୁକୁର ଏମିତି ବହୁତ୍ ଦିନଧରି ସାଥୀରେ ରହିଥିଲେ ।


ପିଲାମାନେ, ଗପ ଦୁଇଟି କିମିତି ଲାଗିଲା ? ଏ ଗପ ଦୁଇଟି ଆମ ରାଜ୍ୟରେ ବସବାସ କରୁଥିବା ହୋ ଆଦିବାସୀ ଭାଇ ଭଉଣୀ ମାନଙ୍କ ଠାରୁ ସଂଗ୍ରହ କରା ହୋଇଛି । ହୋ ଭାଇ ଭଉଣୀ ମାନେ ଆମ ରାଜ୍ୟର ଅତି ପୁରୁଣା ଅଧିବାସୀ । ଏମାନେ ଆମ ଓଡ଼ିଶା ବ୍ୟତୀତ ଝାଡ଼ଖଣ୍ଡ, ବିହାର, ଛତିଶଗଡ଼ ଓ ମଧ୍ୟ ପ୍ରଦେଶ ଆଦି ରାଜ୍ୟରେ ମଧ୍ୟ ବସବାସ କରନ୍ତି । ଏମାନେ ଅତି ସାହସୀ ଜାତି ହିସାବରେ ଜଣାଶୁଣା । ଏମାନଙ୍କର ଭାଷା ମଧ୍ୟ ପୁରାତନ । ହୋ ଭାଷାର ନିଜସ୍ୱ ଲିପି ରହିଛି । ଏ ଲିପିର ନାମ ହେଲା ''ଓ୍ୟାରଙ୍ଗ ଚିତି'' । ଆମ ରାଜ୍ୟରେ ହୋ ଭାଇ ଭଉଣୀ ମାନେ ମୁଖ୍ୟତଃ ମୟୁରଭଞ୍ଜ ଏବଂ କେଉଁଝର ଜିଲ୍ଲାରେ ବସବାସ କରନ୍ତି । ହୋ ମାନଙ୍କର ଅନେକ ନାମୀ ଲୋକକଥା ଓ ଗୀତ ରହିଛି । ଏହି ଗପ ଦୁଇଟିରୁ ହୋ ଲୋକ ସଂସ୍କୃତି କେତେ ଉନ୍ନତି ସେ କଥା ବେଶ୍ ଅନୁମାନ କରି ପାରୁଥିବ ।

## ତୃତୀୟ

# ଚତୁର ଶିଆଳ କଥା

ଗୋଟିଏ ବଣରେ ତିନୋଟି ପିଲା ସହ ବାଘ ଓ ବାଘୁଣୀ ଦି'ଜଣ ରହୁଥିଲେ । ପିଲାମାନଙ୍କୁ ଗୁମ୍ଫାରେ ଛାଡ଼ି ବାଘ ଓ ବାଘୁଣୀ ବଣକୁ ଶିକାର କରିବା ପାଇଁ ଯାଆନ୍ତି । କିଛି ଜନ୍ତୁ ଶିକାର କରି ସେମାନଙ୍କ ମାଂସ ଆଣି ଗୁମ୍ଫାରେ ପିଲାଙ୍କୁ ଦିଅନ୍ତି ପୁଣି ଦିହେଁ ବଣକୁ ଚାଲି ଯାଆନ୍ତି ବେଶୀମାଂସ ଆଣିବେ ବୋଲି ।

ବାଘ ପିଲା ମାନେ ସେହି ମାଂସକୁ ମହାଆନନ୍ଦରେ ଗୁମ୍ଫା ଭିତରେ ଥାଇ ଖାଆନ୍ତି । ନିତିନିତି ଏଇ ଘଟଣା ସବୁ ଗୋଟାଏ ଶିଆଳ ଚୁପିଚୁପି ଦେଖେ । ଶିଆଳର ଲୋଭହୁଏ । ସେ ମନେମନେ ଭାବେ କେମିତି ସେ ବାଘଛୁଆମାନଙ୍କୁ ଭୁଲେଇ, ସେମାନଙ୍କ ଖାଇବା ଦରବକୁ ହଡ଼ପେଇ ନେବ ଏଥିପାଇଁ କିଛି କୌଶଳ କରିବାକୁ ପଡ଼ିବ । ଏପରି ଦିନେ ସେ ଉପାୟଟାଏ ଚିନ୍ତାକଲା । ନିଜକୁ ଜଣେ ମହାଜନ ବେଶରେ ସଜେଇ ହେଲା । ମୁଣ୍ଡରେ ପତର ଠୋଲାର ଟୋପି ଓ ହାତରେ ବାଙ୍କୁଲି ବାଡ଼ି ଧରି ଗୁମ୍ଫା ପାଖରେ ପହଞ୍ଚିଲା । ବାଘଛୁଆମାନଙ୍କୁ ଡରେଇବାକୁ ଟାଣପଣ ଦେଖାଇ କହିଲା - ''ତୁମମାନଙ୍କର ବାପ କୁଆଡ଼େ ଗଲା ? ସେ ମୋଠାରୁ କରଜ ନେଇଛି । ମୁଁ ଆସିଲେ ସେ ଯାଇ ବଣ ଭିତରେ ଲୁଚୁଛି ! ମୋ ଟଙ୍କା ଶୁଝୁ ନାହିଁ । ତେଣୁ ମୁଁ ତୁମ ମାନଙ୍କ ପାଇଁ ଥିବା ମାଂସସବୁ ନେଇଯିବି ।'' ବାଘଛୁଆ ମାନେ ମହାଜନ ରୂପରେ ଶିଆଳକୁ



ଦେଖି ଚରକି ଗଲେ ଏବଂ ନିଜ ଖାଇବା ପାଇଁ ଥିବା ମାଂସ ଶିଆଳକୁ ଦେଇ ଦେଲେ ।

ଏମିତି ବାଘବାଘୁଣୀ ବଣରେ ଥିବାବେଳେ ଶିଆଳ ନିତିନିତି ମହାଜନ ହୋଇ ଆସେ ଓ ବାଘଛୁଆ ମାନଙ୍କ ପାଇଁ ଥିବା ମାଉଁସତକ ଖାଇଦିଏ । ତେଣୁ ନିଜେ ନିକମା ହୋଇ ବସିଥିଲେ ବି ନିତିନିତି ପ୍ରଚୁର ମାଂସ ଖାଇ ମୋଟା ସୋଟା ହୋଇଯାଉଥାଏ । ଏଣେ ବାଘଛୁଆ ମାନେ ଖାଇବାକୁ ନ ପାଇ ଦିନକୁ ଦିନ ଝଡ଼ି କଣ୍ଟା ହୋଇ ଯାଉଥାନ୍ତି ।

ସେମାନଙ୍କ ହାଡ଼ୁଆଦେହ ଦେଖି ବାଘବାଘୁଣୀ ମନେ ମନେ ଦୁଃଖ ପାଆନ୍ତି । କିଂତୁ ତାର କାରଣ କିଛି ଜାଣି ପାରନ୍ତି ନାହିଁ । ଦିନେ ସେମାନେ ପିଲାମାନଙ୍କୁ ପଚାରିଲେ - "ବାବୁରେ, ତୁମ ମାନଙ୍କ ପାଇଁତ ଯଥେଷ୍ଟ ମାଂସ ଆମେ ଆଣୁଛୁ । କିଂତୁ ତୁମେ ମାନେ ଦିନକୁ ଦିନ ଦୁର୍ବଳ ଦିଶୁଛ କଣ ପାଇଁ ? ତୁମ ପେଟ ପୁରୁନାହିଁ କି ?"

ବାଘଛୁଆ ମାନଙ୍କ ଭିତରୁ ସବା ବଡ଼ଟି କହିଲା - "ବାପା, ତୁମେ ଯେଉଁ ମହାଜନ ଠାରୁ ଟଙ୍କା ଆଣିଛ - ସେ ନିତିନିତି ଆସିଆମ ଖାଇବାଦରବ ସବୁ ଛଡ଼େଇ ନେଇ ଖାଉଛି । ତାକୁ ଦେଖିଲେ ନା ଆମକୁ ବଡ଼ ଡରମାଡୁଛି ।" ତହିଁ ପରଦିନ ଘଟଣା କଣ ବୋଲି ଜାଣିବାକୁ ବାଘୁଣୀ ବାଘ ସହ ଶିକାରକୁ ନ ଯାଇ ଗୁମ୍ଫାରେ ରହିଲା ।

ସବୁଦିନ ପରି ଶିଆଳ ଆସି ବାଘଛୁଆମାନଙ୍କୁ ଧମକାଇ ସେମାନଙ୍କ ଖାଇବା ଜିନିଷ ମାଗିଲା । ବାଘୁଣୀ ଭାବିଲା ଯେ ତାର ସ୍ୱାମୀ ବୋଧହୁଏ ସେ ମହାଜନଠାରୁ ସତରେ ଧାରକରଜ କରିଥିବେ । ତେଣୁ ସେ ଶିଆଳ ଆଗକୁ ବାହାରିଲା ନାହିଁ । ଶିଆଳ ସେଦିନ ବି ପେଟଭରି ମାଂସ ଖାଇଲା ଏବଂ ଚାଲିଗଲା । ଶିକାରରୁ ଫେରି ବାଘ ସବୁକଥା ଶୁଣିଲା ପରେ ବାଘୁଣୀର ଭୀରୁତା ଏବଂ ବୋକାମୀ ପାଇଁ ତାକୁ ବହେ ଗାଳିଦେଲା । ତହି ପରଦିନ ସେ ଭାବିଲା ମୁଁ ଆଜି ଘରେ ରହିବି ଏବଂ ଦେଖିବି ସେ କେମିତିକା ମହାଜନ ।

ଶିଆଳ ସବୁଦିନ ପରି ଠିକଣା ସମୟରେ ଆସି ବାଘଛୁଆଙ୍କୁ ଖାଇବା ଦରବ ମାଗିଲା । ବାଘ କୁଆଡ଼େ ଥିଲା, ତା ଉପରେ ଝାମ୍ପ ମାରି ଆସି କହିଲା, "ତୁ କିଏ ସେ ଠକ, ବଦମାସ । ମୁଁ ତୋ ଠାରୁ କେବେ କରଜ କରିଥିଲି ?"

ଶିଆଳ ଏ ଘଟଣା ଘଟିବ ବୋଲି ଜାଣି ନଥିଲା । ବାଘକୁ ଦେଖି ଡ଼ରରେ ଯେତେଜୋରରେ ସମ୍ଭବ ଦୌଡ଼ ମାରିଲା । ବାଘ ବି ତା ପଛେ ପଛେ ଦୌଡ଼ିବାରେ ଲାଗିଲା । ମହାଜନ ବେଶ ପକାଇ ଥିବାରୁ ଶିଆଳ ସୁବିଧାରେ ଦୌଡ଼ି ପାରୁ ନଥାଏ । କେଉଁଠି ଗୋଟାଏ ଉହାଡ଼ ଜାଗା ଦେଖି ଲୁଚି ଯିବ ବୋଲି ଉପାୟ ପାଞ୍ଚୁଥାଏ । ଭାଗ୍ୟକୁ ତା ସାମନାରେ ବିରାଟ ଗଛଗଣ୍ଡିଟିଏ ପଡ଼ି ଥିବାର ସେ ଦେଖିଲା । ତହିଁରେ ଗୋଟାଏ ବିରାଟ ଖୋଳ ବି ଥିଲା । ବିଲୁଆ ସେ ଖୋଳ ଭିତରେ ଏପଟେ ପଶି ସେପଟ ଦେଇ ବାହାରି ଗଲା ।

ଶିଆଳର ପିଛା କରୁକରୁ ବାଘ ବି ସେ ଖୋଳ ଭିତରେ ପଶିବାକୁ ମୁହଁ ଗଳେଇ ଦେଲା । ବିଲୁଆ ଛୋଟ ଜନ୍ତୁଟିଏ ବୋଲି ସିନା ଖୋଳ ଭିତରେ ପଶି ବାହାରି ଗଲା । କିଂତୁ ବାଘତ ବିରାଟ ଜନ୍ତୁଟିଏ । ତାର ବଡ଼ ମୁଣ୍ଡିଟି ଖୋଳରେ ଅଧା ପଶି ରହିଗଲା । ସେପଟକୁ ବାହାରି ଗଲାନି କି ବାହାରକୁ କାଢ଼ି ହେଲାନି । ଶିଆଳ ବାଘର ସେ ପ୍ରକାର ଅସହାୟ ଅବସ୍ଥାକୁ କିଛି ସମୟ ଧରି ଦେଖିଲା । ତା'ପରେ ବାଘପାଖକୁ ଆସି ତା ପିଚାରେ ଏମିତି ଦିଟା ଜବର ନାତ ଦେଲା ଯେ ବାଘର ଅଧା ପଶିଥିବା ମୁହଁ ଖୋଳଭିତରେ ପୂରା ପୂରି ପଶିଗଲା । ବାଘ ଆଉ ଏ ପଟକୁ କି ସେ ପଟକୁ କୁଆଡ଼େ ବି ବାହାରି ପାରିଲା ନାହିଁ ।

ବିଲୁଆ ବାଘର ଅଡୁଆ ଅବସ୍ଥାଦେଖି ବାଘୁଣୀ ପାଖକୁ ଗଲା ଏବଂ ତାକୁ ପାଟିକରି କହିଲା – ''ଆଲୋ ବାଘୁଣୀ । ଗୁମ୍ଫାରୁ ବାହାରି ଆସି ଦେଖି ତୋର ସ୍ୱାମୀକୁ ମୋର କରଜ ନ ଶୁଝିବାରୁ ମୁଁ ତାକୁ କଣ ଦଣ୍ଡ



ଦେଇଛି । ଲୋକେ କରଜ କରି ସିନା ଭୁଲିଯାଆନ୍ତି । ତୋ ବାଘ ତ ମହାଜନକୁ ବି ଭୁଲିଗଲା । ସେଥି ପାଇଁ ତାକୁ ଏମିତି ଦଣ୍ଡ ମିଳିଲା ।''

ବାଘୁଣୀ ଡ଼ରିମରି ଶିଆଳ ପଛେ ପଛେ ଯାଇ ଗଛଗଣ୍ଡି ପାଖରେ ପହଞ୍ଚିଲା । ସେଠାରେ ବାଘଟି ନିଜ ମୁଣ୍ଡଟି ବାହାର କରିବା ଚେଷ୍ଟା କରୁକରୁ ମରି ଯାଇଥିଲା । ତା ଦେଖି ବାଘୁଣୀ ବିକଳରେ ଶିଆଳର ପାଦତଳେ ପଡ଼ି କହିଲା - ''ମୋତେ ଦୟାକର । ମୋତେ ମାରି ଦେଲେ ମୋ ଛୁଆମାନେ ଖାଇବାକୁ ନ ପାଇ ଗୋଟି ଗୋଟି କରି ମରିଯିବେ ।'' ତାର ଏମିତି କାକୁତି ବିନତି ଦେଖି ଶିଆଳ ମନେ-ମନେ

ଭାବିଲା "ମୁଁ ଯଦି ବାଘୁଣୀକି ବାହାହେଇ ପାରିବି ତେବେ ଜୀବନସାରା ମୋତେ କିଛି କଷ୍ଟ ନ କରି ଖାଇବାକୁ ମିଳିବ । କାମ ନ କରି ବସିବସି ମୁଁ ଖାଉଥିବି ।" ନିଜ ମନକଥା ମନରେ ରଖି ଶିଆଳ ବାଘୁଣୀକି ଆଦେଶ ଦେବା ଭଳି କହିଲା - "ତୁ ଯଦି ମୋତେ ବାହା ହେବାକୁ ରାଜିହେବୁ ତେବେ ତୋତେ ମାଫ୍ କରି ଦେବି ।" ବାଘୁଣୀ ଶିଆଳକୁ ବାହା ହେଲା ଏବଂ ସେମାନେ ସମସ୍ତେ ମିଳିମିଶି ରହିଲେ ।

ଦିନେ ବାଘୁଣୀ ଶିଆଳକୁ ଡାକି ଶିକାର ପାଇଁ ଗଲା । ସେ ଶିଆଳକୁ କହିଲା, ତୁମେ ବଣ ଭିତରକୁ ଯାଇ ଜନ୍ତୁମାନଙ୍କ ତରସେଇ ଏଇବାଟେ ହୁରୁଡ଼େଇ ଆଣ - ମୁଁ ଏଠାରେ ବସି ସମସ୍ତଙ୍କୁ ଧରିନେବି ।

ଶିଆଳ କହିଲା ତୁ ମୋତେ କଣ ବୋଲି ଭାବୁଛୁ କି ? ମୁଁ କଣ ସେମାନଙ୍କୁ ଧରିପାରିବି ନାହିଁ ? ତୁ ଯା ସେମାନଙ୍କୁ ବଣ ଭିତରୁ ହୁରୁଡ଼େଇ ଦେବୁ ମୁଁ ଏଠାରେ ଜଗିରହି ସେମାନଙ୍କୁ ଧରିନେବି ।

ବାଘୁଣୀ ବଣ ଭିତରକୁ ଗଲା । ପଶୁମାନଙ୍କୁ ବଣଭିତରୁ ହୁରୁଡ଼େଇ ଆଣିଲା । କିଂତୁ ପଶୁମାନେ ସବୁ ବିଲୁଆ ଉପରେ ଡ଼େଇଁ ପଳେଇ ଗଲେ । ବିଲୁଆ ଗୋଟାଏ ବି କାହାରି କି ଧରି ପାରିଲା ନାହିଁ ! କିଂତୁ ଚତୁର ପଣରେ ନିଜର ଅପାରଗତାକୁ ଘୋଡ଼େଇବା ପାଇଁ ବାଘୁଣୀକି ଡାକି କହିଲା - "ତୁ କେମିତି ହୁରୁଡ଼େଇଲୁ ଯେ ସେମାନେ କେହି ଏବାଟେ ଆସିଲେ ନାହିଁ । ତୁ ଏଥର ଏଠାରେ ଜଗିରହ, ମୁଁ ପଶୁମାନଙ୍କୁ ହୁରୁଡ଼େଇ ଆଣୁଛି ।" ପଶୁମାନେ ତ ଚରକି ଯାଇଥିଲେ । ତେଣୁ ବିଲୁଆ କୁ ନ ଦେଖି ମଧ୍ୟ ସେ ବାଟ ଦେଇ ତରସ ଖାଇ ଆସିଲେ । ବାଘୁଣୀ ଗୋଟି ଗୋଟି କରି ପଶୁମାନଙ୍କୁ ଧରି ମାରି ଦେଲା ।

ଶିଆଳ ଗର୍ବରେ ଛାତି ଫୁଲେଇ କହିଲା - ''ଦେଖିଲୁ, ମୁଁ କେଡ଼େ ବାଗରେ ଏତେ ପଶୁଙ୍କୁ ଏଠାକୁ ଘଉଡ଼େଇ ଆଣିଲି ।'' ବାଘୁଣୀ ବିଲୁଆର ଚତୁର କାମ ଦେଖି ଖୁସି ହୋଇ ଯାଇଥିଲା ଏବଂ ତାକୁ ସ୍ୱାମୀରୂପେ ପାଇଥିବାରୁ ନିଜକୁ ଖୁବ୍ ଭାଗ୍ୟବତୀ  ବୋଲି ଭାବିଲା । ଏମିତି ଶିକାର କରି କରି ସେ ବଣରୁ ସବୁ ପଶୁ ସରି ଗଲାରୁ ସେମାନେ ଆଉ ଗୋଟିଏ ବଣକୁ ଯିବାକୁ ବାହାରିଲେ ।

ନୂଆ ଜଂଗଲକୁ ଯିବା ବାଟରେ ଗୋଟାଏ ନଈ ପଡ଼ିଲା । ନଈରେ ବଢ଼ିଆସି ଥିଲା । ବାଘୁଣୀ ଓ ତାର ଛୁଆମାନେ ଖପ୍‌ଖାପ୍‌କରି ସୁଅ ଭିତରକୁ ଡ଼େଇଁ ପଡ଼ିଲେ ଏବଂ ପହଁରି ପହଁରି ନଈ ପାରି ହେଇଗଲେ । ବିଲୁଆ ବି ବାଧ ହୋଇ ନଈକୁ ଡ଼େଇଁ ପଡ଼ିଲା ସିନା, ସୁଅରେ ଭାସିଗଲା । ବାଘଛୁଆ ମାନେ ମାକୁ ଡାକି କହିଲେ ଆମ ବାପା ଭାସିଯାଉଛନ୍ତି ତାଂକୁ ଯାଇ ରକ୍ଷାକର । ବାଘୁଣୀ ବିଲୁଆକୁ ସାହାଯ୍ୟ କରିବାକୁ ପାଣିରେ ପଶି ବିଲୁଆ ପାଖରେ ପହଞ୍ଚିଲା । ବିଲୁଆ ତ ବଡ଼ ଅହଂକାରୀ । ବାଘୁଣୀ ଆଗରେ ନିଜର ମାନ-ହାନୀ ହୋଇଯିବ ଭାବି ସେ ତାକୁ ଗାଳି ଦେଇ କହିଲା, ''ତୁ କାହିଁକି ଆସିଲୁ ? ମୁଁ ଟିକେ ପହଁରିବାର ସୁଯୋଗ ପାଇଥିଲି ତ । ପହଁରୁ ଥିଲି । ମୁଁ କଣ ଭାସିଯାଉଛି ନା କଣ ?'' ଏକଥା ଶୁଣି ବାଘୁଣୀ ଫେରି ଆସିଲା । ନିଜ ଅହଂକାରୀ ଗୁଣରୁ ବିଲୁଆ ନଈର ଖରସ୍ରୋତରେ ଭାସିଯାଇ ବୁଡ଼ିମଲା ।

ଚାରି

# ବୀର ଗୁମୁଣ୍ଡା

ଗୁମୁଣ୍ଡା ବୋଲି ଟୋକାଟିଏ ଥିଲା । ଖୁବ୍ ସାନ ବେଳୁ ତାର ବାପା ମରିଗଲେ । ସେ ଓ ତାର ମା ଗାଁରେ ଗୋଟିଏ ଛୋଟ ଚାଳିଆ ଘରେ ରହୁଥିଲେ । ପେଟପାଳିବା ପାଇଁ ନିତିନିତି ଗୁମୁଣ୍ଡାକୁ କାମ ଖୋଜିବାକୁ ବାହାରକୁ ଯିବାକୁ ପଡ଼େ । ସଂଜହେଲେ ଯାଇ ସେ ଘରକୁ ଫେରେ । ଫେରିଆସି ଦେଖେ ତ ରାଜାଙ୍କ ହାତୀ ତାର କୁଡ଼ିଆକୁ ଟାଣିଉଟାରି ଭାଂଗି ପକାଇ ଥାଏ । ନିତି ତାକୁ ସେଥିପାଇଁ ହଇରାଣ ହେବାକୁ ପଡ଼େ । ଦିନେ କାମରୁ ଫେରିଆସି ଦେଖିଲା ବେଳକୁ ରାଜାଙ୍କ ହାତୀ ତାର କୁଡ଼ିଆକୁ ଭାଂଗି ପକେଇଛି । ସେ ପାଟି କରି କହିଲା, ''ହାତିଟାର ଭାଗ୍ୟ ଭଲ ଯେ ସେ ସେଠାରୁ ପଳେଇ ଯାଇଛି । ନୋହିଲେ ମୁଁ ତାକୁ ଟେକି ଆଗ୍ନିକୁଡ଼ ଜଂଗଲକୁ ଫିଙ୍ଗି ଦେଇଥାନ୍ତି ।'' ଏକଥାକୁ ନେଇ କେତେଜଣ ଯାଇ ରାଜାଙ୍କ କାନରେ ପକେଇଲେ । ରାଜା ଏ କଥାଶୁଣି ଗୁମୁଣ୍ଡାକୁ ଦରବାରକୁ ଡାକି ପଠେଇଲେ । ଡକରା ପାଇ ଅନ୍ୟ ଲୋକମାନଙ୍କ ପରି ଗୁମୁଣ୍ଡା ଡରିଲା ନାହିଁ । ସାହାସୀ ପରି ଯାଇ ରାଜଙ୍କୁ ଦେଖାକଲା । ଗୁମୁଣ୍ଡାକୁ ରାଜା କି ଦଣ୍ଡ ଦେବେ ବୋଲି ଦେଖିବାକୁ ଦରବାରରେ ଢ଼େର ଲୋକ ହାଉଜାଉ ହେଉଥିଲେ ।

ରଜା ଗୁମୁଣ୍ଡାକୁ ପଚାରିଲେ, ''ତୁମେ କଣ ଆମର ହାତୀକୁ ଜଂଗଲକୁ ଫିଙ୍ଗିଦେବ କହୁଥିଲ ?'' ଆଦୌ ନ ଡ଼ରି ଗୁମୁଣ୍ଡା କହିଲା -

''ହଁ କହୁଥିଲି ।' ''କାହିଁକି, ତୁମେ ସେମିତି କଥା କହୁଥିଲ ?'' ରାଜା ପଚାରିଲେ ।


''ଆପଣଙ୍କ ହାତୀ ନିତିନିତି ମୋର କୁଡ଼ିଆଟି ଭାଂଗି ଖିନ୍‌ଭିନ୍ କରିପକାଉଛି ତ ସେଥିପାଇଁ ସେମିତି କଥା କହିଲି ।'' ରାଜ କହିଲେ - ''ଏତେ ଗର୍ବ କରନା । ତୁମେ କଣ ଏଡ଼େ ବଡ଼ ହାତୀକୁ ଏତେ ଦୂରରେ ଥିବା ଅଗ୍ନିକୁଡ଼ ଜଂଗଲକୁ ଫିଙ୍ଗି ଦେଇ ପାରିବ ?''

''କାହିଁକି ପାରିବି ନାହିଁ ? ନିଶ୍ଚୟ ଫିଙ୍ଗିଦେବି ।'' - ଗୁମୁଣ୍ଡା ଉତ୍ତର ଦେଲା ।

ରାଜା ଏଥର ହାତୀକି ଅନାଇଲେ । ଗୁମୁଣ୍ଡାକୁ ଆଦେଶ ଦେଲେ - ''ଏବେ ହାତୀକି ଅଗ୍ନିକୁଡ଼ ଜଂଗଲକୁ ଫୋପାଡ଼ି ଦିଅ, ଦେଖିବା କେମିତି ଫୋପାଡୁଛ ।''

ଗୁମୁଣ୍ଡା ଆଗେଇ ଗଲା ହାତୀ ପାଖକୁ । ହାତୀ ବି ଶୁଣ୍ଢ ଫୁଲେଇ ଗୁମୁଣ୍ଡା ଆଡ଼କୁ ମାଡ଼ି ଆସିଲା । ଦି'ଜଣଙ୍କ ଭିତରେ ଲାଗିଗଲା ଘମାଘୋଟ ଲଢ଼େଇ । ଚାରିଆଡ଼େ ଲୋକମାନେ ଜମିହୋଇ ଗୁମୁଣ୍ଡାର ହାତୀ ସହିତ ଲଢ଼େଇ ଦେଖୁଥାନ୍ତି । କଣ ଯେ ହବ ବିଚରା ଗୁମୁଣ୍ଡା ଆହା.......... ଚୁ... ଚୁ... କରୁଥାନ୍ତି ।

ଚାଲିଲା ଲଢ଼େଇ ଢ଼େର ବେଳ ଯାଏ । ସେ ଅଂଚଳଟା ଧୂଳି ଉଡ଼ି ଧୂଳିଝଡ଼ ଆସିବା ଭଳି ଜଣାଗଲା । ଧୂଳି ପଟଳରେ ଅଂଚଳଟା ଅନ୍ଧାର ଘେରି ହେବା ଭଳି ଲାଗିଲା । ଖାଲି ଢୁମ୍ ଢାମ, ଦୁଲ୍ ଦାଲ୍, ଦୁମ୍




ଦାମ୍ ଶବ୍ଦରୁ ଜଣାଗଲା ଯେ ଲଢେଇ ଚାଲିଚି । କିଛି ବୋଲି କିଛି ଦିଶୁ ନଥାଏ ଧୂଳିର କୁହୁଡ଼ି ଭିତରେ ।

ଶେଷରେ ସବୁକିଛି ସ୍ଥିର ପଡ଼ିଗଲା । ଆଉ କିଛି ଶୁଭିଲାନି । ଧୂଳିଝଡ଼ ବନ୍ଦ ହୋଇ ଗଲାରୁ ଦେଖାଗଲା ଯେ ଗୁମୁଣ୍ଡା ବୀର ଦର୍ପରେ ଠିଆହୋଇ ହସୁଛି । ହାତୀର ପତ୍ତା ନାହିଁ । ହାତୀକି ଯେ ଗୁମୁଣ୍ଡା ଦୂର ଅଗ୍ନିକୁଡ଼ ଜଂଗଲକୁ ଫିଙ୍ଗି ଦେଇଛି ଏକଥା ବୁଝିବାକୁ ଅସୁବିଧା ନଥିଲା ।

ରଜା ଗୁମୁଣ୍ଡାର ସାହସ ଓ ବୀରତାକୁ ପ୍ରଶଂସା କଲେ । ଗୁମୁଣ୍ଡାର ବୀରତା ବିଷୟରେ ସବୁ ଆଡ଼େ ପ୍ରଚାର ହୋଇଗଲା । ରଜା ଏଥର ଗୁମୁଣ୍ଡାକୁ ଆଦେଶ ଦେଲେ ହାତୀର ଦାନ୍ତଟିକୁ ଅଗ୍ନିକୁଡ଼ ଜଂଗଲରୁ ଖୋଜି ଅଣିବା ପାଇଁ ।

ରାଜାଙ୍କ ଆଦେଶ ପାଇ ଗୁମୁଣ୍ଡା ଅଗ୍ନିକୁଡ଼ ଜଂଗଲକୁ ବାହାରିଲା । ମାଇଲିଏ ବାଟ ଯାଇଛି କି ନାହିଁ ସେ ଗୋଟିଏ ଲୋକକୁ ଦେଖିଲା । ଲୋକଟି ଗୋଟାଏ ବରଗଛକୁ ଉପାଡ଼ି ତାର ମେଲିଯାଇଥିବା ଚେର ମୂଳିକୁ କେତେଜଣ ହଳିଆଙ୍କ ମୁଣ୍ଡ ଉପରେ ଛତାପରି ଟେକି ଧରିଛି । ଅବାକ୍ ହୋଇ ସେ ମନେ ମନେ ଭାବିଲା - "ଏ ଲୋକଟା ସତରେ



ବଳୁଆ । ଅଗ୍ନିକୁଡ଼ ଜଂଗଲରେ ହାତୀ ଦାନ୍ତ ଖୋଜିବା ପାଇଁ ଯାକୁ ସାଂଗରେ ନେଲେ ଭଲହେବ ।''

ସେ ଲୋକଟି ପାଖକୁ ଯାଇ ତାକୁ ପ୍ରଶଂସା କରି କହିଲା - ''ଭାଇ, ଏଡ଼େ ବରଗଛକୁ ଛତାପରି ଧରିବା ଲୋକ ମୁଁ ଆଗରୁ ଦେଖି ନ ଥିଲି । ତୁମେ ସତରେ ଶକ୍ତିମାନ୍ ।''


ଲୋକଟି କହିଲା - ''ଭାଇ, ରଜାଙ୍କ ହାତୀକୁ ଦୂର ଅଗ୍ନିକୁଡ଼ ବଣକୁ ଫିଙ୍ଗି ଦେଇଥିବା ଗୁମୁଣ୍ଡା ତୁଳନାରେ ମୁଁ ଆଉ ବେଶୀ ବଳୁଆ କଣ ?'' ଗୁମୁଣ୍ଡା ଖୁସି ହୋଇ କହିଲା, ''ମୁଁ ହେଉଛି ସେଇ ଗୁମୁଣ୍ଡା । ରଜାଙ୍କ ହାତୀର ଦାନ୍ତ ଖୋଜି ଆଣିବାକୁ ଅଗ୍ନିକୁଡ଼ ଜଂଗଲକୁ ଯାଉଛି ।'' ଲୋକଟି କହିଲା, ''ମୋତେ ବି ସାଥିରେ ନିଅ ବୀର ଗୁମୁଣ୍ଡା ଭାଇ ।''

ସେଇଠୁ ସେ ଦି'ଜଣ ସାଂଗହୋଇ ଚାଲିଲେ ଅଗ୍ନିକୁଡ଼ ଜଂଗଲକୁ । ଯାଉଯାଉ ବାଟରେ ଗୋଟିଏ ଲୋକକୁ ଛେଣୀଧରି ପଥର କାଟୁଥିବାର ଦେଖିଲେ । ଲୋକଟି ନିଜ ମୁଣ୍ଡକୁ ଛେଣୀରେ ହାତୁଡ଼ି ପରି ବାଡ଼େଇ ବାଡ଼େଇ ପଥର କାଟୁଥିଲା । ଗୁମୁଣ୍ଡା ଭାବିଲା ଏ ଲୋକତ ବେଶୀ ବଳୁଆ ଓ ସାହାସୀ । ତାକୁ ବଣକୁ ନେଇ ହାତୀଦାନ୍ତ ଖୋଜିବାକୁ ଗଲେ ଭଲ ହେବ । ତେଣୁ ସେ ସେହି ଲୋକଟିକୁ କହିଲା - ''ଭାଇ ତୁମେ କେଡ଼େ ବଳୁଆ ସତେ । ଛେଣୀକୁ ନିଜ ମୁଣ୍ଡରେ ପିଟି ପଥର କାଟୁଛ !''

ଲୋକଟି ଉତ୍ତର ଦେଲା - ''କିଂତୁ ରଜାଙ୍କ ହାତୀକି ଟେକି ଅଗ୍ନିକୁଡ଼ ଜଂଗଲକୁ ଫିଙ୍ଗିଥିବା ଗୁମୁଣ୍ଡା ତୁଳନାରେ ମୁଁ କେଉଁ ବଡ଼ବୀରଟାଏ ଯେ !'' ଗୁମୁଣ୍ଡା କହିଲା - ''ମୁଁ ସେଇ ଗୁମୁଣ୍ଡା । ଅଗ୍ନିକୁଡ଼କୁ ଯାଉଛି ରଜାଂକ ପାଇଁ ସେଇ ହାତୀର ଦାନ୍ତଟିକୁ ଖୋଜି ଆଣିବା ପାଇଁ ।''

ସେ ଲୋକଟି ବି ଗୁମୁଣ୍ଡା ସାଂଗରେ ଯିବାକୁ ମନକଲା । ମନ କଲାରୁ, ସେ ବି ସେମାନଙ୍କ ସାଂଗେ ବଣକୁ ଚାଲିଲା ।

କିଛି ବାଟପରେ ଆଗରେ ନଈଟିଏ ପଡ଼ିଲା । ନଈରେ ଜଣେ ଲୋକ ଗାଧୋଉ ଥିଲା । ଲୋକଟା ଏଡ଼େ ବଡ଼ ଥିଲା ଯେ ନଈର ପାଣିକୁ ତା ଦେହଟି ବନ୍ଧ ପରି ଅଟକେଇ ଦେଉଥିଲା । ଗୋଟାଏ ପଟେ ପାଣି ତ ଆର ଭାଗରେ ଶୁଖିଲା ହୋଇ ଯାଇ ଥିଲା । ତାକୁ ଦେଖି ଗୁମୁଣ୍ଡା ଆଶ୍ଚର୍ଯ୍ୟ ହୋଇ ଭାବିଲା ଲୋକଟି ନିଶ୍ଚୟ ବଳୁଆ ହୋଇଥିବ ।



ନଈର ପାଣିକୁ ଏକ୍‌ଲା ଅଟକେଇ ଦେଉଛି । ତେଣୁ ତା ପାଖକୁ ଯାଇ ତାର ବଳକୁ ପ୍ରଶଂସା କଲାରୁ ଲୋକଟି କହିଲା ''ରାଜାଙ୍କ ହାତୀକି ଯେଉଁ ବୀର ଗୁମୁଣ୍ଡା ଅଗ୍ନିକୁଡ଼ ଜଂଗଲକୁ ପିଙ୍ଗିଛି ତା ତୁଳନାରେ ସେ କେଉଁ ବୀରରେ ଗଣା ଯେ ।''

ଗୁମୁଣ୍ଡା କହିଲା - ''ମୁଁ ସେଇ ଗୁମୁଣ୍ଡା । ବଣକୁ ଯାଉଛି ସେଇ ହାତୀର ଦାନ୍ତଟିକୁ ଖୋଜି ଆଣିବାକୁ ।''

ତୃତୀୟ ଲୋକଟି ବି ଗୁମୁଣ୍ଡା ସହିତ ବଣକୁ ଯିବା ପାଇଁ ମନ କଲା ।

ଏଥର ଚାରିଜଣ ମିଳି ଅଗ୍ନିକୁଡ଼ ବଣକୁ ଗଲେ । ସେଠାରେ ନିତିନିତି ତିନିଜଣ ହାତୀଦାନ୍ତ ଖୋଜିବାକୁ ଯାଆନ୍ତି । ଜଣେ ରହେ ରୋଷେଇ କରିବା ପାଇଁ ।

ଗୋଟିଏ ରାକ୍ଷାସ ଆସି ସେଇ ରୋଷେଇ କରୁଥିବା ଲୋକଟିକୁ ଡରାଇ ଧମକେଇ ରନ୍ଧା ହେଇଥିବା ଖାଦ୍ୟ ସବୁ ନେଇଯାଏ । ରୋଷେଇ ପାଳିରେ ଥିବା ଲୋକଟି ଲାଜରେ ଏ କଥା ଅନ୍ୟମାନଙ୍କୁ କହେ ନାହିଁ । ତିନିଦିନ ଧରି ଏମିତି ଚାଲିଲା । ଶେଷରେ ଗୁମୁଣ୍ଡାର ରୋଷେଇ ପାଳି ଆସିଲା । ରାକ୍ଷସଟି ଗୁମୁଣ୍ଡାକୁ ବି ଡ଼ରେଇ ଧମକେଇ ରନ୍ଧା ଖାଇବା ଦରବ ମାଗିଲା । ଗୁମୁଣ୍ଡା ତାକୁ କିଛି ନ ଦେଇ ଓଲଟି ତା ସହିତ ମୁକାବିଲା କଲା । ରାକ୍ଷସ ବି ଖୁବ୍ ବଳୁଆ ଥିଲା । ଏମିତି ଦି'ଜଣ ଲଢ଼େଇ କଲେ ଯେ ବଣର ଅଧାଅଧି ସେମାନଙ୍କ ଲଢ଼େଇରେ ଦଳିମକଚି ଧ୍ୱଂସ ହୋଇ ପଡ଼ିଆ ହୋଇଗଲା । ଜଂଗଲର ବେଶ୍ କିଛି ଭାଗରେ

ଗଛଲତା ସଫା ହୋଇ ଯାଇ ଧୂଳି ଉଡ଼ିଲା । ଗୋଟାଏ ନଈ ମଧ୍ୟ ସେ ଜାଗାରେ ଖୋଳି ହୋଇଗଲା ।

ଅନ୍ୟ ତିନିଜଣ ଫେରିଆସି ଦେଖନ୍ତି ତ ରାକ୍ଷାସଟା ମରି ଶୋଇଛି । ସେମାନେ ଗୁମୁଣ୍ଡାର ବୀରତାକୁ ଭୂରି ଭୂରି ପ୍ରଶଂସା କଲେ । ଜଂଗଲ ତ ଅଧେ ସଫା ହୋଇ ଯାଇଥିଲା । ତେଣୁ ହାତୀର ଦାନ୍ତଟି ସହଜରେ ମିଳିଗଲା ।

ଅଗ୍ନିକୁଡ଼ ଜଂଗଲରୁ ଫେରି ଗୁମୁଣ୍ଡା ବୀର ଦର୍ପରେ ରାଜାଙ୍କୁ ହାତୀଦାନ୍ତଟି ଆଣି ଭେଟି ଦେଲା ।


ରଜା ଗୁମୁଣ୍ଡାର ବୀର ପଣିଆରେ ଖୁସି ହୋଇ ଅଧେରାଜ୍ୟ ସହ ନିଜ ଝିଅକୁ ତା ସହ ବାହା ଦେଲେ ।

ପିଲାମାନେ, ଗପ ତିନି ଓ ଚାରି କିମିତି ଲାଗିଲା ? ଏ ଦୁଇଟିଯାକ ଗପ ଆମ ସାନ୍ତାଳ ଭାଇ ଭଉଣୀ ମାନଙ୍କର । ଏମାନେ ମୁଖ୍ୟତଃ ଆମ ରାଜ୍ୟର ମୟୁରଭଞ୍ଜ ଜିଲ୍ଲାରେ ବସବାସ କରିନ୍ତି । ଆମ ରାଜ୍ୟ ବ୍ୟତୀତ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଏବଂ ଆସାମ ଆଦି ରାଜ୍ୟରେ ମଧ୍ୟ ଏମାନେ ବସବାସ କରନ୍ତି । ସାନ୍ତାଳୀ ଭାଷାଭାଷୀ ଲୋକଙ୍କ ସଂଖ୍ୟା କାଶ୍ମୀରୀ ଏବଂ ସିନ୍ଧୀ ଭାଷାଭାଷୀ ଲୋକମାନଙ୍କ ଠାରୁ ଅନେକ ଗୁଣରେ ବେଶୀ । ଲେଖା ପଢ଼ା, ପାଠ ଏବଂ ସାହିତ୍ୟ କ୍ଷେତ୍ରରେ ଏମାନେ ବେଶ୍ ଆଗୁଆ । ସାନ୍ତାଳୀ ଭାଷାର ନିଜସ୍ୱ ଲିପି ରହିଛି ଯାହାର ନାମ ହେଲା 'ଅଲ୍ ଚିକି' ।

## ପଞ୍ଚମ


# ଚୋର ଓ ବାଘକଥା

ଦିନେ ଗୋଟାଏ ଚୋର ରାଜାଙ୍କ ଘୋଡ଼ାଶାଳରୁ ଗୋଟାଏ ଘୋଡ଼ା ଚୋରୀ କରିବାକୁ ମନେମନେ ବିଚାର କଲା । ଚୋରର ଏଇ ମସୁଧା କଥା ବାଘଟିଏ ଜାଣିପାରି ତାକୁ ମାରି ତାର ମାଂସ ଖାଇବାକୁ ମନବଳେଇଲା । ସେଇଠୁ ବାଘ ଯାଇ ରାଜାଙ୍କ ଘୋଡ଼ାଶାଳରେ ଘୋଡ଼ା ମାନଙ୍କ ଭିତରେ ପଶି ଚୁପ୍‌ଚାପ ଲୁଚି ରହିଲା । ଏଣେ ଚୋର ରାଜାଙ୍କ ଘୋଡା ଶାଳରେ ପଶିଲା । କିଟିକିଟିଆ ଅନ୍ଧାରରେ କିଛି ଦେଖାଯାଉ ନଥାଏ । ସେ ଅନ୍ଧାରରେ ଘୋଡ଼ାଙ୍କୁ ପରଖି ପରଖି ବାଘର ପିଠାରେ ହାତ ବୁଲେଇଲା । ବାଘ ତ ବଣର ଜନ୍ତୁଜୀବ ଖାଇ ବେଶ୍ ମୋଟା ଭୁଷୁଣ୍ଡା ହେଇଥାଏ । ଚୋର ଭାବିଲା ଏଇ ଘୋଡ଼ାଟିକୁ ମୁଁ ନେଇଯିବି - ବେଶ୍ ହୃଷ୍ଟପୁଷ୍ଟ ହେଇଛି, ଏଇ ଘୋଡ଼ାଟା । ତେଣୁ ବାଘକୁ ଘୋଡ଼ା ଭାବି ତା ମୁହଁରେ ଗୋଟିଏ ଲଗାମ ବାନ୍ଧିଦେଲା । ଏକଥା ଦେଖି ବାଘଟି ଡ଼ରିଯାଇ ଭାବିଲା ଏ ଲୋକଟାକୁ ମୁଁ ମାରିଖାଇବି କଣ, ଏତ ମୋଠାରୁ ବି ବଳୁଆ ଜଣାପଡୁଛି । ଏକଥା ଭାବି ସେ ପ୍ରାଣମୂର୍ଚ୍ଛା ଦୌଡ଼ିଲା । ଏଣେ ଚୋର ତା ମୁହଁରେ ଯେଉଁ ଲଗାମ ବାନ୍ଧିଥିଲା, ତା ପିଠିରେ ବସି ସେ ଲଗାମକୁ ଟାଣକରି ଧରିଲା । ଅନ୍ଧାର ଭିତରେ ସେ ବାଘକୁ ଦେଖି ପାରୁନଥିଲା । ତେଣୁ ମନେ ମନେ ନିଜକୁ ବଡ଼ ଚାଲାକ ଭାବୁଥିଲା ଯେ ଯାହାହେଉ ରାଜାଙ୍କର ସବୁଠାରୁ ଭଲ ଦୌଡ଼ାଳୀ ଘୋଡ଼ାକୁ ସେ ଚୋରେଇ ଆଣିଛି !



ଚୋର ପିଠିରେ ବସିଛି - ବାଘ ଜଂଗଲ ଭିତରେ ଅତର୍ଡିଆ ପଥର ପାହାଡ଼ ବଣବୁଦା ନ ମାନି ରାତିସାରା ଦୌଡ଼ି ଚାଲିଛି । ମଝିରେ ମଝିରେ ଚୋର କହୁଥାଏ । ଟିକେ ସମ୍ଭାଳିକି ଦୌଡ଼ରେ, ଧୀରେ ଦୌଡ଼ ।" ଏକଥା ଶୁଣି ବାଘ ତ କିଛି ବୁଝି ପାରୁ ନ ଥାଏ ବରଂ ଡ଼ରିଯାଇ ଆହୁରି ଜୋରରେ ଦୌଡୁ଼ ଥାଏ । ସକାଳ ହେଲାରୁ ଚୋର ଦେଖିଲା ଯେ ଘୋଡ଼ା ବୋଲି ଯାହା ପିଠିରେ ସେ ରାତିସାର ବସିଛି, ସେଇଟା ଗୋଟାଏ ସତସତିକା ବାଘ । ଏକଥା ଜାଣିଲା ପରେ ସେ ମୂର୍ଚ୍ଛା ହୋଇ

ଯିବାବେଳେ ତା ମୁଣ୍ଡ ଉପରେ ଗୋଟାଏ ଗଛର ଡ଼ାଳ ଦେଖାଗଲା । ସେ ଝଟ କରି ସେଇ ଡ଼ାଳକୁ ଧରିନେଇ ଗଛ ଉପରକୁ ଚଢ଼ିଗଲା । ବାଘ ବି ମୁକ୍ତି ପାଇ ଗଲା ଭାବି ଚଟାପଟ୍ ବଣ ଭିତର ମନ ଖୁସିରେ ପଶିଗଲା । ଦି'ଜଣ ପରସ୍ପର ଠାରୁ ମୁକୁଳି ଗଲେ ବୋଲି ମନେ ମନେ ଖୁସିଥିଲେ ।



କିଛି ବେଳ ଉତ୍ତାରୁ ଚୋର ଗଛରୁ ଓହ୍ଲାଇଲା । ତାକୁ ବଡ଼ କ୍ଳାନ୍ତ ଲାଗୁଥିଲା । ତେଣୁ ସେ ସଂଗେ ସଂଗେ ଗଛମୂଳରେ ନିଘୋଡ଼ ନିଦରେ ଶୋଇ ଗଲା ।

କିଛି କ୍ଷଣ ପରେ ଗୋଟିଏ କୋକିଶିଆଳି ସେବାଟେ ଯାଉଥିବା ବେଳେ ଚୋରଟିକୁ ଦେଖିଲା । ସେ ଭାବିଲା କେହିଜଣେ ମରିପଡ଼ିଛି ବୋଧହୁଏ । "ଆହା, ମୋର ତ ବଡ଼ ଭାଗ୍ୟ, ସକାଳୁ ସକାଳୁ ଏଡ଼େ ଭଲ ଭୋଜନଟିଏ ମିଳିଲା ।" ତା'ପରେ ସେ ଭାବିଲା କେହି ଜଣେ ସାଂଗରେ ଥିଲେ ଏ ମଢ଼ାଟାକୁ ଟେକିନେଇ ତା ଘରେ ରଖି ସାରା ସପ୍ତାହ ଏଇଟା ଖାଇ ଚଳନ୍ତା ।

ଚାରିଆଡ଼କୁ ଚାହିଁ ଦେଖିଲା ଯେ ଆଖପାଖରେ କେହି ଜଣେ ବି ଦିଶୁନାହିଁ । ତେଣୁ ସେ ବଣ ଭିତରକୁ ପୁଣି ପଶିଲା କାହାକୁ ଖୋଜି ଆଣିବାପାଇଁ । ଭାଗ୍ୟକୁ ସେଇ ବାଘକୁ ସେ ଭେଟିଲା ।

ସେ ବାଘକୁ ସମ୍ମାନ ଦେଖେଇ କହିଲା - "ବାଘ ମହାଶୟ, ମୋତେ ଟିକେ ସାହାଯ୍ୟ କର । ମୁଁ ଜଣେ ଲୋକକୁ ମରିପଡ଼ିଥିବାର ଦେଖିଛି । ମୁଁ ତାକୁ ମୋ ଘରକୁ ନେଇଯିବାକୁ ଜଣେ ସାହାଯ୍ୟକାରୀ ଖୋଜୁଛି । ତୁମେ ମୋତେ ସାହାଯ୍ୟ କଲେ ମୁଁ ତୁମକୁ ସେଥିରୁ ଭାଗ ଦେବି ।"

ରାତିସାରା ଯେଉଁ ଘଟଣା ଘଟିଲା, ସେଥିରେ ବାଘ ଖୁବ୍ କ୍ଳାନ୍ତ ହୋଇ ପଡ଼ିଥିଲା । ତା ମନରେ ବି ସମସ୍ତଙ୍କ ପ୍ରତି ସନ୍ଦେହ ଆସୁଥିଲା । ତେଣୁ ସେ କିଛି ସମୟ ନେଲା ଭାବିବାକୁ । ତାପରେ କହିଲା - "ତୁମେ କିଛି କାରସାଦି ନ କରିବ ବୋଲି କିଏ କହିବ ?"

''ନା, ନା ବାଘ ମହାଶୟ । ମୋର ପୁରୁଣା ବନ୍ଧୁ ଜଣକୁ ମୁଁ କିପରି ଠକିବି ଯେ ! ବିଶ୍ୱାସ କର, ସେ ଲୋକଟା ମରି ଯାଇଛି । ସେଇଟି ଆମର ସପ୍ତାହକର ଖାଦ୍ୟ ଯୋଗାଇବ । ଆମକୁ ଆଉ ଖାଇବା ପାଇଁ ସପ୍ତାହେ କାଳ କିଛି ହଇରାଣ ହେବାକୁ ପଡ଼ିବ ନାହିଁ ।'' ଏକଥା ଶୁଣି ବାଘ ଲୋଭେଇ ଗଲା । ତଥାପି ସନ୍ଦେହ କରି କହିଲା ''ତୁମକୁ ମୁଁ କେମିତି ବିଶ୍ୱାସ କରିବି ଯେ ! ତୁମେ ମୋତେ ଏକ୍ଲା ଛାଡ଼ି ଚାଲିଆସିଲ ଯଦି ?''

କୋକିଶିଆଳି କହିଲା - ''ମୁଁ ଶପଥ କରି କହୁଛି, ତୁମକୁ ଏକ୍ଲା ଛାଡ଼ି କେଭେ ପଳାଇ ଆସିବି ନାହିଁ । ଯଦି ଭୟ ହେଉଛି ତ, ଚାଲ ତମର ମୋର ଲାଞ୍ଜକୁ ସାଂଗରେ ଯୋଡ଼ିବାନ୍ଧି ଦେବା ।''

ବାଘ କହିଲା - ''ଠିକ୍ ଠିକ୍ ସେଇଟା ଭଲ ହେବ ।'' ତାପରେ ଦି'ଜଣ ଦୁହିଁଙ୍କ ଲାଞ୍ଜକୁ ଯୋଡ଼ି କରି ବାନ୍ଧିଦେଲେ । ଧୀରେ ଧୀରେ ଚୋରଟି ଶୋଇଥିବା ଜାଗାକୁ ଚାଲିଲେ । ସେମାନଙ୍କ ପାଦର ଖସ୍ ଖସ୍ ଆବାଜଶୁଣି ଚୋରର ନିଦ ଭାଂଗି ଗଲା । ସେମାନେ ଦି'ଜଣ ଙ୍କୁ ଦେଖି ସେ ତଣ୍ଟିଫଟାଇ ଚିକ୍ରାର କରିବାରେ ଲାଗିଲା । ''ଆରେ ବାଘ, ତୁ ପୁଣି ଆସିଲୁଣି ।'' ଏକଥା ଶୁଣି ଡରରେ ବାଘର ପିଳେହି ପାଣି ହୋଇଗଲା । ସେ ଦେଲା ଯେ ଦୌଡ଼ । ସେଇ ପଥର ଉପରେ କୋକିଶିଆଳୀଟିକୁ ଘୋଷାରି ଘୋଷାରି ଦୌଡ଼ିଲା । କୋକିଶିଆଳୀ ବିଚରା ମରିଗଲା, ପଥର ଓ ଗୋଡ଼ିରେ କଚଡ଼ା ଖାଇ ଖାଇ ।

ସେଇ ଦିନଠୁ ଆଉ କେଭେ ମଣିଷ ମାଂସ ଖାଇବାକୁ ମନ କରିବନି ବୋଲି ବାଘ କାନ ନାକ ମୋଡ଼ି ହେଲା । ଆଉ ଚୋରଟି ମଧ୍ୟ ପ୍ରତିଜ୍ଞା କଲା ଆଉ କେବେ କାହା ଘରୁ କିଛି ଚୋରୀ କରିବ ନାହିଁ ବୋଲି ।



ପିଲାମାନେ ''ଚୋର ଓ ବାଘ କଥା'' ଗପଟି କେମିତି ଲାଗିଲା ? ଏ ଗପଟି ଆମ ମୁଣ୍ଡା ଆଦିବାସୀ ଭାଇ ଭଉଣୀ ମାନଙ୍କର । ଏମାନେ ଆମ ଦେଶର ସବୁଠୁଁ ପୁରୁଣା ଅଧିବାସୀ ପ୍ରଥମେ ଏମାନେ ମୁଖ୍ୟତଃ ବିହାରର ଛୋଟନାଗପୁର ଅଂଚଳରେ ରହୁଥିଲେ । ମୁଣ୍ଡା ରାଜାମାନେ ସେ ଅଂଚଳରେ ଶାସନ କରୁଥିଲେ । ସେ ରାଜାମାନଙ୍କୁ ନାଗବଂଶୀ ରାଜା ବୋଲି କୁହାଯାଏ । ଏଇ ଗପଟିରୁ ତୁମ୍ଭେମାନେ ଅନୁମାନ କରି ପାରୁଥିବ ସେମାନଙ୍କ ଲୋକକଥା କେତେ ଉନ୍ନତ ।

ISBN-81-88010-05-7